## ଗଛରେ ପିଟିହୋଇ ଅଟୋ ଚାଳକ ମୃତ

ଧାମନଗର, ୨୮ା୧(ଦେବେନ୍ଦ୍ର ଆଦ୍ଦିଆ)

ବାରିକପୁର-ଅସୁରାଳି ରାସ୍ତାର ଗୋବିନ୍ଦପୁର ନିକଟରେ ଏକ ଗଛରେ ପିଟିହୋଇ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ତ ବ୍ଲକର କେନ୍ଦୁଆପଦା ନିକଟ ଆମ୍ପୋର ଅଞ୍ଚଳର ନାମ ମାନସ ମଲ୍ଲିକ(୩୮)। ସେ ମଙ୍ଗଳବାର ଅପରାହ୍ନରେ ଏକ ଡାଲା ଅଟୋ ନେଇ ବାରିକପୁର ଅଞ୍ଚଳରୁ ଆସୁଥିବା ସମୟରେ ବୁଲାଣିରେ ଗାଡ଼ିଟି ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇଯାଇଥିଲା। ଅଟୋରେ ଥିବା ଅନ୍ୟ ବ୍ୟକ୍ତି ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ମାନସଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଶନ କାର୍ଡ ଫେରାଇଲେଣି ୧୨୬ ସରକାରୀ ଚାକିରିଆ

ଧାମନଗର,୨୮ା୧(ସନ୍ତୋଷ କୁମାର ମହାପାତ୍ର)

ରାଶନ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ସମୟସୀମା ଆଉ ମାତ୍ର ୩ ଦିନ ରହିଛି। ଚଳିତ ମାସ ୩୧ ତାରିଖରେ ଏହାର ସମୟସୀମା ଶେଷ ହେବ। ଇ-କେୱାଇସି ଦ୍ୱାରା ବିଭିନ୍ନ ଅଯୋଗ୍ୟ ଧରାପଡୁଥିବା ବେଳେ ସେମାନଙ୍କ ମଧ୍ୟରେ ବହୁ ସରକାରୀ ଚାକିରିଆ ମଧ୍ୟ ରହୁଛନ୍ତି। ଭଦ୍ରକ ଜିଲା ଧାମନଗର ବ୍ଲକରେ ଅଦ୍ୟାବଧି ୧୨୬ଜଣ ସରକାରୀ ଚାକିରିଆ ରାଶନ କାର୍ଡ ଫେରାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଇ-କେୱାଇସି ସମୟସୀମା ଆଉ ମାତ୍ର ୩ ଦିନ

ଏହି ବ୍ଲକରେ ମୋଟ ୧,୫୭,୧୮୬ ରାଶନ କାର୍ଡ ହିତାଧିକାରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧,୪୧,୮୮୯ ହିତାଧିକାରୀ ଇ-କେୱାଇସି କରିସାରିଛନ୍ତି। ଶେଷ ତାରିଖକୁ ୩ ଦିନ ବାକି ଥିବାବେଳେ ୧୫,୨୯୭ ହିତାଧିକାରୀ ଅଦ୍ୟାବଧି ଇ-କେୱାଇସି କରି ନ ଥିବା ସୂଚନା ମିଳିଥିବା ବେଳେ ସେଥିମଧ୍ୟରେ ମୃତ ବ୍ୟକ୍ତି, ସରକାରୀ ଚାକିରିଆ ଓ କିଛି ପ୍ରବାସୀ ରହିଥିବା ଜଣାପଡ଼ିଛି। ଇ-କେୱାଇସିର ଅବଧି ସରିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଥାନାରେ ନିଯୁକ୍ତ ଥିବା ଗ୍ରାମରକ୍ଷୀମାନଙ୍କୁ ହାତେଇଥିବା ରାଶନ କାର୍ଡ ଫେରସ୍ତ ପାଇଁ ପୂର୍ବରୁ ନୋଟିସ କରାଯାଇଥିଲା। କିଛି ଗ୍ରାମରକ୍ଷୀ ଯାହାକି ସେମାନେ ନିୟମିତ ଭାବେ ସରକାରୀ ଚାକିରିଆ ଭାବେ ପରିଗଣିତ ହୁଅନ୍ତି ନାହିଁ। କେବଳ କାମ ବାବଦକୁ ସେମାନଙ୍କୁ ଧାର୍ଯ୍ୟ ପ୍ରାପ୍ୟ ମିଳେ। ସେମାନେ ରାଶନକାର୍ଡ ପାଇବାକୁ ଯୋଗ୍ୟ ଦାବି କରି ରାଶନ କାର୍ଡ ଫେରାଇବା ସହ ଯୋଗାଣ ବିଭାଗ ଅଧିକାରୀଙ୍କ ଜରିଆରେ ଏକ ଲିଖିତ ଆକାରରେ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ଚଞ୍ଚକତା କରି କିଛି ସରକାରୀ ଚାକିରିଆ ରାଶନ କାର୍ଡ ହାତେଇଥିଲେ। ନୂତନ ସରକାରଙ୍କ ଏହି ବ୍ୟବସ୍ଥା ଲାଗୁ ହେବା ପରେ ସେମାନେ ଭୟଭୀତ ହୋଇ ଅଦ୍ୟାବଧି ୧୨୬ଜଣ ରାଶନ କାର୍ଡ ଫେରାଇଛନ୍ତି। ଆଗକୁ ଆହୁରି ସଂଖ୍ୟା ବଢ଼ିପାରେ ବୋଲି ବ୍ଲକ ଯୋଗାଣ ଅଧିକାରୀ ରସାନନ୍ଦ ସାହୁ କହିଛନ୍ତି।

## ୧୫୦ ହେକ୍ଟର ଜମିରେ ହେବ ମୁଗ, ବିରି ଚାଷ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ଅଧିକାରୀ ଓ ଅନ୍ୟମାନେ।

ଭଦ୍ରକ,୨୮ା୧(ସନାତନ ରାଉତ)

### ଛୟାଳସିଂହରେ ରବି ଚାଷ ନେଇ ସଚେତନତା

ବନ୍ତ ବ୍ଲକର ଛୟାଳସିଂହ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ରବି ଚାଷ ନେଇ କୃଷି ବିଭାଗ ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାନଚାଷ ପରେ ରବି ଋତୁରେ ମୁଗ, ବିରି ଚାଷ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଏହି ଚାଷ ଦ୍ୱାରା ମାଟିର ସ୍ୱାସ୍ଥ୍ୟ ଭଲ ରହିବା ସହ ଚାଷୀମାନେ ବିରି, ମୁଗ ଚାଷ କରି ଅଧିକ ରୋଜଗାର କରିପାରିବେ ବୋଲି ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି କହିଥିଲେ। ପଞ୍ଚାୟତରେ ଏଥର ରବି ଋତୁରେ ଶହେ ହେକ୍ଟର ଜମିରେ ମୁଗ ଓ ୫୦ ହେକ୍ଟର ଜମିରେ ବିରି ଚାଷ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଚାଷୀମାନଙ୍କୁ ହେକ୍ଟର ପିଛା ୨୦ କେଜି ବିହନ ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କୃଷି ଅଧିକାରୀ ପତି କହିଛନ୍ତି। ରାଣୀତାଲ ଆଞ୍ଚଳିକ ଗବେଷଣା କେନ୍ଦ୍ର କୃଷି ବୈଜ୍ଞାନିକ ଉତ୍କଳିକା ନାୟକ, ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ନାୟକ, ଭାଜପା କୃଷକ ମୋର୍ଚ୍ଚାର ଶଙ୍କର୍ଷଣ ଜେନା ପ୍ରମୁଖ ଚାଷୀମାନଙ୍କୁ ଯୋଜନା ବିଷୟରେ ଅବଗତ କରାଇଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ରଶ୍ମୀରଞ୍ଜନ ଜେନା, କମ୍ୟୁନିଷ୍ଟ ରିସର୍ଚ୍ଚ ପର୍ସନ ବିକ୍ରମ ନାୟକ, କୃଷକ ସାଥୀ ସଚଳା ଘଡ଼େଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ନିର୍ଦ୍ଦେଶ: ବିଳମ୍ବରେ ଅଫିସ୍‌କୁ ଆସିଲେ କାର୍ଯ୍ୟାନୁଷ୍ଠାନ

ଭଦ୍ରକ,୨୮ା୧(ସନାତନ ରାଉତ)

ଭଦ୍ରକ ଜିଲାରେ ସରକାରୀ କର୍ମଚାରୀମାନେ ବିଳମ୍ବରେ ଅଫିସକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଦିଲୀପ ରାଉତରାଏ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ କେତେକ ଅଫିସର ଓ କର୍ମଚାରୀ ସେମାନଙ୍କ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସୁ ନ ଥିବା ଜିଲାପାଳଙ୍କ ଦୃଷ୍ଟିଗୋଚର ହୋଇଛି। ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ନିୟମ ୧୯୫୯ର ନିୟମ-୩ କୁ ଏହା ଉଲ୍ଲଂଘନ କରୁଛି। ଅଭ୍ୟାସଗତ ଭାବେ ବିଳମ୍ବରେ ଆସୁଥିବା ସରକାରୀ କର୍ମଚାରୀଙ୍କ ଆଚରଣରେ ପରିବର୍ତ୍ତନ ପାଇଁ ସମସ୍ତ କର୍ମଚାରୀଙ୍କୁ ଅଫିସ୍ ସମୟରେ ନିଜ କାର୍ଯ୍ୟାଳୟରେ ପହଞ୍ଚିବାକୁ ପତ୍ର ସଂଖ୍ୟା ୨୬୮ (୨୭/୧/୨୦୨୫)ରେ ନିର୍ଦ୍ଦେଶ ଦିଆଯାଇଛି। ଅଫିସ୍ ସମୟରୁ ସର୍ବାଧିକ ୧୦ ମିନିଟ୍ ବିଳମ୍ବକୁ ବିଚାରକୁ ନିଆଯାଇପାରିବ। କିନ୍ତୁ ଅଧିକ ବିଳମ୍ବ ହେଲେ ଉଲ୍ଲଂଘନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଏହାର ନକଲ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି।

## 'ପ୍ରତିଭାସମ୍ପନ୍ନଙ୍କୁ ପରିଚିତ କରାଏ ମହୋତ୍ସବ'



ବିଧାୟକ ଅଶୋକ କୁମାର ଦାସ ତିହିଡ଼ି ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ତିହିଡି,୨୮ା୧(ସଞ୍ଜିତ ବଳ)

### ତିହିଡ଼ି ମହୋତ୍ସବ ଆରମ୍ଭ

ବିଭିନ୍ନ ଅଞ୍ଚଳରେ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କ କଳାର ପ୍ରଦର୍ଶନ ପାଇଁ ମହୋତ୍ସବ ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କୁ ପରିଚିତ କରାଇଥାଏ ବୋଲି ତିହିଡ଼ି ମହୋତ୍ସବ ଉଦ୍‌ଘାଟନ ଅବସରରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୭ଟାରେ ବିଧାୟକ ଦାସ ମହୋତ୍ସବକୁ ଉଦ୍‌ଘାଟନ କରିବା ପରେ କମିଟି ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର, ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କଥାକାର ଡ. ଲକ୍ଷ୍ମୀଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ଅତିଥି ପରିଚୟ ଦେଇଥିଲେ। ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା।

ସକାଳେ ଛାତ୍ରୀ ଅଭିଲିପ୍ସା ପାଢ଼ୀଙ୍କ ନେତୃତ୍ୱରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ମହୋତ୍ସବ ସ୍ଥଳରୁ ବିଭିନ୍ନ ଦେବୀଦେବଙ୍କ ପୀଠକୁ ଶୋଭାଯାତ୍ରା ବାହାରିଥିଲା। ପୀଠରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇ ଶ୍ୟାମା କ୍ଲବ ପରିସରରେ ରଖାଯାଇଥିଲା। ପରେ ମହୋତ୍ସବର ପତାକା ଉତ୍ତୋଳନ କରାଯାଇଥିଲା। ତିହିଡ଼ିର ଶ୍ୟାମା କ୍ଲବ, ଗୋପବନ୍ଧୁ ସେବା ସଙ୍ଗଠନ, ଜୀବନଜ୍ୟୋତି, ଉତ୍କଳମଣି ସେବାସଂଘ, ଯୁବମଞ୍ଚ, ଇଣ୍ଡିଆନ ୱାରିଅର୍ସ ପ୍ରମୁଖ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ସାମିଲ ଥିଲେ। ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ, ଅମର ଜେନା, ଅମୂଲ୍ୟ ସେନାପତି, ମନୋଜ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଦାସ, ମନୋଜ ସେନାପତି, ଶିକ୍ଷାବିତ୍ ଗିରିଜା ରମଣ ଜେନା, ପ୍ରଭାତ ଜେନା, ପ୍ରିୟବ୍ରତ ପାଢ଼ୀ, ଦୟାନିଧି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୫ଦିନ ଧରି ଏହି ମହୋତ୍ସବ ଚାଲିବ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧାମନଗର, ୨୮ା୧ (ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଅଧୀନ ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମଙ୍ଗଳବାର ଅପରାହ୍ନ ୧ଟାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଷ୍ଟାର ପୂର୍ବତନ ଜିଲା ସମ୍ପାଦକ ଅକ୍ଷୟ କୁମାର ହୋତା, ମୁଖ୍ୟବକ୍ତା ହେମନ୍ତ କୁମାର ସୂତାର ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ମୀନା ମାଝୀ, ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ସାହୁ, ଶରତ କୁମାର ସାହୁ, ପବିତ୍ର ମୋହନ ମହାନ୍ତି, ପ୍ରଦୀପ୍ତ କୁମାର ଦାସ, ପର୍ଶୁରାମ ପାତ୍ର, ଦୈତାରୀ ଦାଶ, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, ଦଧିବାବନ ମିଶ୍ର, ମଦନ ମୋହନ ନୋଡାଲ ପ୍ରଧାନ ଶିକ୍ଷକ ଭରତ କୁମାର ତରେଇ, ବୃନ୍ଦାବନ ମହାନ୍ତି, ମାନସ କୁମାର ମିଶ୍ର, ଦୋଳଗୋବିନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକଙ୍କ ଅବସର ନ ଥାଏ ବୋଲି ଅତିଥିମାନେ କହିବା ସହ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିପାଠୀଙ୍କ ସମୟାନୁବର୍ତ୍ତିତା ଓ ଛାତ୍ରବତ୍ସଳତା ସମ୍ପର୍କରେ ଆଲୋକପାତ କରିଥିଲେ। ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଆଦିକନ୍ଦ ପଣ୍ଡା, ନିର୍ମଳ ଚନ୍ଦ୍ର ରାଉତ, ବିମଳ କୁମାର ଥାଟୋଇ, ଗିତାଞ୍ଜଳି ଆଚାର୍ଯ୍ୟ, ଭାରତୀ ଦାସ, ଅନିତା ମହାନ୍ତି, ରବୀନ୍ଦ୍ର ଖୁଣ୍ଟିଆ, ବେଳାବତୀ ଦାଶ, ବାସନ୍ତୀଲତା ବାରିକ, ପଦ୍ମଲୋଚନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିଦାୟ ସଙ୍ଗୀତ ଗାନ କରାଯାଇଥିଲା।

# ଅର୍ଜ୍ଜୁନ ପଲ୍ଲିଶ୍ରୀ ମେଳା



ବନ୍ତ,୨୮ା୧(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ଓଡ଼ଙ୍ଗଠାରେ ବିଶ୍ୱାସ ଫାଉଣ୍ଡେଶନ ଓ ପଲ୍ଲିଶ୍ରୀ ମେଳା କମିଟି ପକ୍ଷରୁ ପ୍ରଥମଥର ପାଇଁ ଅର୍ଜ୍ଜୁନ ପଲ୍ଲିଶ୍ରୀ ମେଳା ସୋମବାର ସନ୍ଧ୍ୟା ୭ଟାରେ ଉଦ୍‌ଘାଟିତ ହୋଇଯାଇଛି। ଅସୁରାଳି ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଇଂ. ରବୀନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସନ୍ଧ୍ୟାକୁ ଡ. ହରେକୃଷ୍ଣ ମହତାବ ମଞ୍ଚ ନାମରେ ନାମିତ କରାଯାଇଥିବା ବେଳେ 'ଆଜିର ରାଜନୀତି ଓ ଡ. ମହତାବ' ପ୍ରସଙ୍ଗ ରହିଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ପ୍ରଚେଷ୍ଟା ଓ ଅଧ୍ୟବସାୟ ବଳରେ ସଫଳତାର ଶୀର୍ଷରେ ପହଞ୍ଚି ହେବ। ଗ୍ରାମାଞ୍ଚଳର ଶିଶୁ ଭବିଷ୍ୟତରେ ଏକ ବିରାଟ ପ୍ରତିଭାର ଅଧିକାରୀ ହୋଇପାରନ୍ତି। ଡ. ମହତାବ ହେଉଛନ୍ତି ଏହାର ଉଦାହରଣ ବୋଲି ଜିଲାପାଳ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ଅନ୍ୟତମ ବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଜୟ କୁମାର ନାୟକ ଏବଂ ଅନ୍ୟତମ ଅତିଥି ଭାବେ ବରିଷ୍ଠ କୃଷି ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି, ଡ. କମଳାକାନ୍ତ ସ୍ୱାଇଁ, ପ୍ରଫେସର ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ଡ. ମହତାବଙ୍କ ଅସାଧାରଣ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ମେଳାରେ ବିଭିନ୍ନ ପ୍ରକାରର ଷ୍ଟଲ୍ ଖୋଲାଯାଇଥିବା ବେଳେ ମୀନାବଜାର ଓ ଦୋଳିର ମଜା ନେବା ପାଇଁ ବହୁ ଲୋକଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଗରପଡ଼ା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମେଳା ଆୟୋଜନରେ ବିଶ୍ୱାସ ଫାଉଣ୍ଡେଶନ ଓ ମେଳା କମିଟିର ସଦସ୍ୟମାନେ ସହଯୋଗ କରିଥିବା ବେଳେ ଶିକ୍ଷକ ସୁକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିମୁଣ୍ଡା ଏୟାରଷ୍ଟ୍ରିପ୍‌ରେ ବିମାନ 'ବିକ୍ରାନ୍ତ'ର ଟ୍ରାଏଲ ରନ୍





ବାସୁଦେବପୁର /ସାବରଙ୍ଗ,୨୮ା୧(ନାରାୟଣ ପ୍ରସାଦ ବାରିକ୍/କାଳୀପଦ ରାୟ)

ବାସୁଦେବପୁର ବ୍ଲକର ବାଲିମୁଣ୍ଡାଠାରେ ଆଦାନୀ ଗ୍ରୁପ୍ ପକ୍ଷରୁ ନିର୍ମାଣାଧୀନ ଏୟାରଷ୍ଟ୍ରିପ୍‌ରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୫ରେ ବିମାନ 'ବିକ୍ରାନ୍ତ'ର ଟ୍ରାଏଲ ରନ୍ କରାଯାଇଛି। ସଫଳତା ପୂର୍ବକ ଏହି ଟ୍ରାଏଲ ରନ୍ ହୋଇଥିବା ବେଳେ ଆଦାନୀ କମ୍ପାନୀ, ସ୍ଥାନୀୟ ଜନସାଧାରଣ ତଥା ବିଭିନ୍ନ ମହଲରେ ଖୁସି ପ୍ରକାଶ ପାଇଛି। ପରୀକ୍ଷାମୂଳକ ଭାବେ ଆଦାନୀ କମ୍ପାନୀର ଏହି ବିମାନକୁ ଏୟାରଷ୍ଟ୍ରିପ୍‌ରେ ଉଡ଼ାଣ କରାଯାଇଥିଲା। ପୁଣି ଅପରାହ୍ନ ପ୍ରାୟ ୧ଟା ୩୦ ବେଳେ ବିମାନଟି ନିଜ ଗନ୍ତବ୍ୟ ସ୍ଥାନକୁ ଯାଇଥିଲା। ଏୟାରଷ୍ଟ୍ରିପ୍ ନିକଟରେ ଧାମରାଠାରେ ଆଦାନୀ କମ୍ପାନୀ ପକ୍ଷରୁ ବୃହତ୍ତମ ଧାମରା ବନ୍ଦର ପ୍ରତିଷ୍ଠା ଲାଭ କରିଥିବା ବେଳେ ଏଠାରୁ ସ୍ୱତନ୍ତ୍ର ବିମାନ ଉଡ଼ାଣ ଲୋକଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି। ଟ୍ରାଏଲ ରନ୍ ବେଳେ ଚିଫ୍ ଅପରେଟିଂ ଅଫିସର ସଞ୍ଜୀବ ଗୁପ୍ତା, ସିକ୍ୟୁରିଟି ହେଡ୍ ଶିବାନନ୍ଦ ହୋତା, ଆଦାନୀ ଗ୍ରୁପ୍ ପକ୍ଷରୁ ହରିଶ ମେହେଟା ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀରେ ବୁଡ଼ି ଶିଶୁ ମୃତ

ତିହିଡି,୨୮ା୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ ସାନନହୁଣିପାଳ ଗ୍ରାମରେ ମାମୁଘରକୁ ବୁଲିବାକୁ ଆସିଥିବା ବେଳେ ନଦୀରେ ବୁଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଚାନ୍ଦବାଲି ଥାନା ଅଧୀନ ଘଟପୁର ପଞ୍ଚାୟତ ମହାନ୍ତିସାହିର ଚିତ୍ତରଞ୍ଜନ ଦାସଙ୍କ ପୁଅ ପ୍ରୀତମ(୪)। ପ୍ରୀତମ ତାଙ୍କ ମା'ଙ୍କ ସହ ମାମୁଘରକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନ ୩ଟାରେ ପ୍ରୀତମଙ୍କୁ ତାଙ୍କ ମାମୁଘର ଲୋକେ ଖୋଜି ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ଘର ପାଖ ମନ୍ତେଇ ନଦୀରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ତିହିଡ଼ି ଡାକ୍ତରଖାନାକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମନୋରମା ସ୍ମାରକୀ ବକ୍ତୃତା, ସମ୍ବର୍ଦ୍ଧନା ସମାରୋହ

### ଶାସ୍ତ୍ରୀୟ ସ୍ୱରସାଧିକା ମହାପାତ୍ର ମିନତି ଭଞ୍ଜ ସମ୍ମାନିତ

ଭଦ୍ରକ,୨୮ା୧(ସନାତନ ରାଉତ)

ସନ୍ତାନ ଯେତେ ଦୂରରେ ରହିଲେ ମଧ୍ୟ ମା'ଙ୍କ ଆଶିଷ ସବୁବେଳେ ପିଲା ପାଇଁ ଅମୃତବିନ୍ଦୁ ହୋଇ ଝରୁଥାଏ। ଯେକୌଣସି ସମସ୍ୟାରେ ପଡ଼ିଲେ ମା'ଙ୍କ ଆଶୀର୍ବାଦ ସମାଧାନ କରିଦେଇଥାଏ ବୋଲି ମନୋରମା ସ୍ମୃତି ସଂସଦ ପକ୍ଷରୁ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ୧୧ତମ ସ୍ମାରକୀ ବକ୍ତୃତା ଓ ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷ ଅଜୟ ନାୟକଙ୍କ ଆବାହକତ୍ୱ ଓ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସଙ୍କ ସଞ୍ଚାଳନରେ ସୋମବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ମନର ମାନଚିତ୍ର ଉପରେ ମା'ର ପ୍ରଭାବ ସବୁଠୁ ବେଶି ରହିଥାଏ ବୋଲି କହିଥିଲେ। 'ମା' ପରି କିଏ ହେବ' ଶୀର୍ଷକ ସ୍ମାରକୀ ବକ୍ତୃତାରେ ମୁଖ୍ୟବକ୍ତା ଭାବେ କଥାଶିଳ୍ପୀ ଡ. ପ୍ରବୀଣା ମହାନ୍ତି ଯୋଗଦେଇ ମାତୃ ଚେତନା ହିଁ ସକଳ ଯୁଗସଂକଟରୁ ମଣିଷକୁ ଉଦ୍ଧାର କରିବ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ସ୍ୱରସାଧିକା ମହାପାତ୍ର ମିନତି ଭଞ୍ଜଙ୍କୁ ଶିକ୍ଷାବିତ୍ ଲାଲମୋହନ ନାୟକ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଛି।





ଶାସ୍ତ୍ରୀୟ ସ୍ୱରସାଧିକା ମହାପାତ୍ର ମିନତି ଭଞ୍ଜଙ୍କୁ ସମ୍ମାନିତ କରାଯାଉଛି।

ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ଚୈତାଳି ଖିଲାର ମାନପତ୍ର ପାଠ କରିଥିଲେ। ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ ଆଇନଜୀବୀ ଗଦାଧର ବଳ। ସ୍ମୃତି ସଂସଦର ସମ୍ପାଦକ ଡ. ଅଭୟ କୁମାର ଦାସ ବିବରଣୀ ପାଠ କରିଥିଲେ। କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ ଓ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଓ ମନୋରମାଙ୍କ କନ୍ୟା ତଥା ସୁଲେଖିକା ସ୍ନେହଲତା ନାୟକଙ୍କ ରଚିତ ମାତୃ ସଙ୍ଗୀତ ପରିବେଷଣ କରିଥିଲେ। ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ୍, ପୂର୍ବତନ ବିଧାୟକ ନରେନ ପଲାଇ, ସାମାଜିକ କର୍ମୀ କିଶୋର ମହାପାତ୍ର, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସଭାପତି ଅଖିଳ କୁମାର ପାଢ଼ୀ, ସାହିତ୍ୟିକ ଶାନ୍ତନୁ ରାଉତ, ଡା. ରବୀନ୍ଦ୍ର କୁମାର ନାୟକ, ଚକ୍ଷୁ ଚିକିତ୍ସକ ମୁକ୍ତିକାନ୍ତ ନାୟକ, ଜଗନ୍ନାଥ କୁଅଁର, କାନ୍ତରଞ୍ଜିତା ନାୟକ, ମନୋରମା ରାୟ, ଦିବ୍ୟସିଂହ ନାୟକ, ଅମ୍ବିକା ବଲ୍ଲଭ ସ୍ୱାଇଁ, ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାସ ମହାପାତ୍ର, ଶାନ୍ତନୁ ରାଉତ, ପର୍ଶୁରାମ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ମନୋରମାଙ୍କ କନ୍ୟା ତଥା ତିହିଡ଼ି ବ୍ଲକର ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାତୃପିତୃ ପୂଜନ

ଭଦ୍ରକ,୨୮ା୧(ସନାତନ ରାଉତ)

ଜୟ ସଂସ୍କାର ମିଶନ ଓ ଆତ୍ମୀୟ ପରିବାରର ଭଦ୍ରକ ଶାଖା ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟାରେ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗେଲପୁରସ୍ଥିତ ମହାନଦୀ ଆଲମିରା ପରିସରରେ ସାମାଜିକ କର୍ମୀ ପୀତବାସ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେତାର ନାଟ୍ୟକାର ପୂର୍ବତନ ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଧାକର ନନ୍ଦ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଶାସନ ସଚିବ ପିପୁଲସ୍ ୱେଲଫେୟାର ଅଧ୍ୟକ୍ଷ ନନ୍ଦନନ୍ଦନ ଦାସ ଯୋଗଦେଇ ବର୍ତ୍ତମାନର ସ୍ୱାର୍ଥସର୍ବସ୍ୱ ଦୁନିଆର ପଥହୁଡ଼ା ସମାଜ ପାଇଁ ଜୟ ସଂସ୍କାର ମିଶନ ଏକ ଉପଯୁକ୍ତ ମିଶନ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଜ୍ଞାପାଠ ଚକ୍ରର ସଭାପତି ତଥା ଲେଖକ ପଣ୍ଡିତ ଦୈତାରୀ ମହାପାତ୍ର ଓ ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦର ଓଡ଼ିଶାର ସଭାପତି ନିରଞ୍ଜନ ଦାସ ମହାପାତ୍ର ଯୋଗଦେଇ ମାତୃ ପିତୃ ପୂଜନ ପରି ମହତ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଂସ୍କାର ସଦସ୍ୟ ଅଧ୍ୟାପକ ଉମାକାନ୍ତ ମହାଲିକ, ସାହିତ୍ୟିକ ଗଙ୍ଗାଧର ଦେହୁରୀ, ପ୍ରବକ୍ତା ରାଜେଶ ମିଶ୍ର, ପ୍ରଧାନ ଶିକ୍ଷକ ଖଗେଶ୍ୱର ଜେନା, ସଦସ୍ୟ ଶ୍ରୀକାନ୍ତ ଦାସ, ମହେନ୍ଦ୍ର ଜେନା, ବିନୋଦ ନାୟକ, ସୋମନାଥ ମାଝୀ, ବିମ୍ବାଧର ତ୍ରିପାଠୀ, ସୁବ୍ରତ ଦୀକ୍ଷିତ, ତ୍ରିଲୋଚନ ପଣ୍ଡା, ପ୍ରଭାସ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଦୀପ୍ତ ବାନାର୍ଜୀ ଅତିଥି ପରିଚୟ ଦେଇଥିବା ବେଳେ ପ୍ରତ୍ୟୁଷା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନ୍ୟାୟ ନ ମିଳିଲେ ଆମରଣ ଅନଶନ

ଧୂଷୁରୀ, ୨୮ା୧ ( ଦୀପ୍ତି ରଞ୍ଜନ ନାୟକ)



ଖବରଦାତା ସମ୍ମିଳନୀରେ ବାପାଙ୍କ ସହ ଅଭିଯୋଗକାରିଣୀ ପ୍ରିୟଦର୍ଶନୀ ଦାସ।

୬ ମାସ ତଳେ ବିବାହ କରିଥିବା ବେଳେ ନିର୍ଯାତନା ନେଇ ସ୍ୱାମୀଙ୍କ ସହ ଶାଶୁଘର ଲୋକଙ୍କ ବିରୋଧରେ ଥାନା ଓ ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଲେନି। ତାଙ୍କୁ ନ୍ୟାୟ ନ ମିଳିଲେ ଆମରଣ ଅନଶନ କରିବେ ବୋଲି ମଙ୍ଗଳବାର ଅପରାହ୍ନ ୪ଟାରେ ଧୂଷୁରୀ ଥାନା ଛକଠାରେ ଖବରଦାତା ସମ୍ମିଳନୀ ଡାକି ଉଦ୍‌ବେଗ ପ୍ରକାଶ କରିଛନ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କଲେଇ ପଞ୍ଚାୟତ ଚୁନିଦା ଗ୍ରାମର ପ୍ରିୟଦର୍ଶନୀ ଦାସ(୩୩)।

ପ୍ରିୟଦର୍ଶନୀ ଅଭିଯୋଗ କରିଛନ୍ତି ଯେ, ଧୂଷୁରୀ ଥାନା ଅଧୀନ ଖଡ଼ିମାହାରା ଗ୍ରାମର ବୈଲୋଚନ ପରିଡ଼ାଙ୍କୁ ୨୦୨୪ ଜୁଲାଇ ୧୪ରେ ବୈଦିକ ରୀତିରେ ବିବାହ କରିଥିଲେ। ଯୌତୁକ ବାବଦରେ ୨୫ ଲକ୍ଷରୁ ଅଧିକ ଟଙ୍କାର ଜିନିଷପତ୍ର ଦିଆଯାଇଥିଲା। ବିବାହ ପୂର୍ବରୁ ବୈଲୋଚନ ଦୁବାଇରେ ନିଜସ୍ୱ ଏକ କମ୍ପାନୀ ଖୋଲି ମାସକୁ ୫ ଲକ୍ଷ ରୋଜଗାର କରୁଥିବା ତାଙ୍କ ପରିବାରକୁ କୁହାଯାଇଥିଲା। ହେଲେ ତାଙ୍କ ସ୍ୱାମୀ ବିବାହ ପୂର୍ବରୁ ଦୁବାଇରେ ରହୁ ନ ଥିଲେ କି କୌଣସି କମ୍ପାନୀ ଖୋଲି ନ ଥିବା ସେ ଜାଣିବାକୁ ପାଇଥିଲେ। ଏ ବିଷୟରେ ସେ ତାଙ୍କ ପରିବାରକୁ ଜଣାଇଥିଲେ। ଏକଥା ତାଙ୍କ ସ୍ୱାମୀ ଜାଣିବା ପରେ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଫୋନ ନମ୍ବର ବ୍ଲକ୍ କରି ଦେଇଥିଲେ। ତାଙ୍କ ଦିଅର, ଶାଶୁ ଓ ଶ୍ୱଶୁର ମଧ୍ୟ ତାଙ୍କୁ ପ୍ରତିଦିନ ମାନସିକ ଯନ୍ତ୍ରଣା ଦେଇଥିବା ସେ ୨୦୨୪ ଡିସେମ୍ବର ୨୯ରେ ଏତଲା ଦେବା ପରେ ଧୂଷୁରୀ ଥାନାରେ ଏକ ମାମଲା (ନଂ.୪୫୧/୨୪) ରୁଜୁ କରାଯାଇଥିଲା। କିନ୍ତୁ ଏତଲା ଦେବାର ୧୫ ଦିନ ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ୨ଦିନ ତଳେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏଏସ୍‌ପି ଧୂଷୁରୀ ଥାନାଧିକାରୀଙ୍କୁ ଆଉ ଥରେ ସାକ୍ଷାତ କରିବାକୁ କହିଥିଲେ। ସୋମବାର ସେ ପୁଣି ଥାନାକୁ ଯାଇଥିଲେ ବି ଦେହ ଖରାପ ଅଛି କହିବା ସହ ଅଭିଯୁକ୍ତଙ୍କ ବିରୋଧରେ ଯାହା ଦଫା ଲଗାଯାଇଛି ତାହା ଠିକ୍ ବୋଲି ଥାନାଧିକାରୀ ଶାନ୍ତନୁ କୁମାର ଜେନା ଫୋନ ମାଧ୍ୟମରେ କହିଥିଲେ। ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଲେ ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ପ୍ରିୟଦର୍ଶନୀ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ଜେନା କହିଛନ୍ତି, ଦିଆଯାଇଥିବା ଏତଲା ଅନୁସାରେ ଅଭିଯୁକ୍ତଙ୍କ ବିରୋଧରେ ଦଫା ଲଗାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଚନ୍ଦ୍ରଶେଖର ମହାଦେବଙ୍କ କ୍ଷୀରାଭିଷେକ

ଚମ୍ପୁଆ,୨୮।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଚନ୍ଦ୍ରଶେଖର ମହାଦେବଙ୍କ କ୍ଷୀରାଭିଷେକ କାର୍ଯ୍ୟକ୍ରମ ଭକ୍ତି ଓ ଶ୍ରଦ୍ଧାର ସହିତ ଅନୁଷ୍ଠିତ ହୋଇଯାଇଛି। ୨୦୧୬ରୁ ସ୍ଥାନୀୟ ଭକ୍ତଙ୍କ ଦ୍ୱାରା ଆୟୋଜିତ ହେଉଥିବା କ୍ଷୀରାଭିଷେକ ଉତ୍ସବ ଚଳିତ ବର୍ଷ ତାର ଦଶମ ଉତ୍ସବ ପାଳନ କରିଛି। ପ୍ରତିବର୍ଷ ମାଘମାସ ଚତୁର୍ଦ୍ଦଶୀରେ ଏହା ପାଳନ ହୋଇଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଏବଂ ମାନସିକଧାରୀଙ୍କ ଦ୍ୱାରା ବାବା ଚନ୍ଦ୍ରଶେଖର ମହାଦେବଙ୍କ ଉପରେ ସୁଦ୍ଧ ଗାଇକ୍ଷୀର ଢଳାଯାଇଛି। ସକାଳ ୮ଟା ୩୦ରୁ ଆରମ୍ଭ କରାଯାଇ ଦିନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। କାର୍ଯ୍ୟକ୍ରମକୁ ଅଭୟ ଦାସ, ଶିବମ ସାହୁ, ଅମିତାଭ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ନରେଶ ଲେଙ୍କା ଓ ଶୁକଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ଏଭର ଗ୍ରୀନ୍ କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା

ଯୋଡ଼ା,୨୮।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅଧୀନସ୍ଥ ଜଜାଙ୍ଗ ପଞ୍ଚାୟତର ଜରିବାହାଲ ଖେଳପଡ଼ିଆରେ ଏଭର ଗ୍ରୀନ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ସନ୍ଧ୍ୟା ୬ଟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଟାଟାଷ୍ଟିଲ ଅଧିକାରୀ ଅମୂଲ୍ୟ ପଣ୍ଡା, ସମ୍ମାନିତ ଅତିଥିରୂପେ ବାମେବାରୀ ଥାନା ଅଧିକାରୀ ଅରବିନ୍ଦ ସାହୁ, ପୂର୍ବତନ ଜଜାଙ୍ଗ ସରପଞ୍ଚ ଇନ୍ଦ୍ରମଣୀ ପୂର୍ତ୍ତି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବର୍ଗରେ ପ୍ରତିଯୋଗିତାରେ ସ୍ଥାନୀୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ସହିତ ଜୁରୁଡ଼ି, ଜଜାଙ୍ଗ ଓ ଜଳହରୀ ପଞ୍ଚାୟତର ଯୁବତୀଯୁବକ, ଅଭିଭାବକ, ବୟସ୍କ ବ୍ୟକ୍ତି ସମେତ ମାଆମାନେ ଭାଗନେଇ ସାଧାରଣତନ୍ତ୍ର ଦିବସରେ ଆନନ୍ଦ ନେଇଥିଲେ। ଦୌଡ଼ ପ୍ରତିଯୋଗିତାଠାରୁ ଆରମ୍ଭ କରି ଧନୁତୀର ମାଧ୍ୟମରେ ଲକ୍ଷ୍ୟ ଭେଦ, ଉଚ୍ଚ ଓ ଲମ୍ବ ଡିଆଁ, ସର୍ଟପୁଟ୍ ଥ୍ରୋ, ସାଇକେଲ ରେସ୍, ମ୍ୟୁଜିକ ଚେୟାର ପରି ବହୁ ଆକର୍ଷଣୀୟ ଓ ଚିତ୍ତ ବିନୋଦନ ଖେଳ ଆୟୋଜନ କରାଯାଇଥିଲା। କ୍ଲବ୍‌ର ସଭାପତି ହାମଲାଲ ଶର୍ମା, ସମ୍ପାଦକ ବସନ୍ତ ମାଝୀ, କୋଷାଧ୍ୟକ୍ଷ ସରୋଜ ଚାମ୍ପିଆ, ବିଜୟ ସାଣ୍ଡିଲ, ଲକ୍ଷ୍ମଣ ମାଝୀ, ମନମୋହନ ସର୍ଦ୍ଦାର, ଟୁକୁନା ମୁଣ୍ଡା, ସଦାନନ୍ଦ ସର୍ଦ୍ଦାର, ହରି ମୁଣ୍ଡାଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଧୋକୋଠା ଦଳ ଶିବସିଂହ ମେମୋରିଆଲ କପ୍ ଚାମ୍ପିୟନ

ଢେଙ୍କିକୋଟ୍,୨୮।୧(ନୀଳମଣି ମଣ୍ଡଳ):

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମରେ ଚାଲିଥିବା ଶିବସିଂହ ମେମୋରିଆଲ ଅଷ୍ଟମ ବାର୍ଷିକ ଟୁର୍ନାମେଣ୍ଟ ରବିବାର ୧୨ ଟାରେ ଉଦ୍‌ଯାପିତ ହୋଇଯାଇଛି। ବାବା ବେଲେଶର କ୍ଲବ୍ ଅନୁକୂଲ୍ୟରେ ଲଙ୍ଗଳକଣ୍ଟି ପଡ଼ିଆଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଧୋକୋଠା ଏବଂ କବିତ୍ରା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। କବିତ୍ରା ଟିମ୍‌କୁ ହରାଇ ଧୋକୋଠା ଚାମ୍ପିୟନ ହୋଇଥିଲା। କବିତ୍ରା ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୨ ଓଭରରେ ୯ ୱିକେଟ୍ ବିନିମୟରେ ୮୪ ରନ କରିଥିଲା। ଧୋକୋଠା ୬ ଓଭର ୪ ଟା ବଲରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମୁଖ୍ୟ ଅତିଥିଭାବେ ଜିଲା ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ, ମୁଖ୍ୟ ବକ୍ତାଭାବେ ଘଟଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭ୍ରାନ୍ତ ଜେନା, ସମ୍ମାନୀୟ ଅତିଥିଭାବେ କେନ୍ଦୁଝର ଜିଲା ଭାଜପା ଏମ୍‌ପି ଅନନ୍ତ ନାୟକଙ୍କ ପତ୍ନୀ ଲବଙ୍ଗଲତା ନାୟକ, ଏମ୍‌ପି ପ୍ରତିନିଧି ଅଖିଳଚନ୍ଦ୍ର ପାତ୍ର, ଏମ୍‌ପି ପ୍ରତିନିଧି ରାମଚନ୍ଦ୍ର ସାହୁ, କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ସମ୍ପାଦକ ପ୍ରଦୀପ ବାରିକ, ପୂର୍ବତନ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ମଲ୍ଲିକ, ପୂର୍ବତନ ଭାଜପା ଜିଲା ଉପସଭାପତି ଗୋପୀନାଥ ରାମ, ଦୈତାରୀ ମାଇନ୍ସ ୱାର୍କର ଆସୋସିଏଶନର ସଭାପତି ଦୀପକ ଜେନା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ ଟିମକୁ ନଗଦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ପଟେଲ ମହାନ୍ତ ଓ ଅଟଳ ବିହାରୀ ଜେନା ପରିଚାଳନା କରିଥିବା ବେଳେ ଅଜୟ କୁମାର ବେଜ ଓ ସାମ୍ନା ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍‌ର ସଭାପତି, ସମ୍ପାଦକ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରିଥିଲେ।

# ଶାଗପଡ଼ା ଜଙ୍ଗଲରେ ଚାଲିଛି ବେଧଡ଼କ ଗଛକଟା

- ଅନୁମତି ବାହାରେ ଗଛ କଟାଯାଉଛି
- ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳ ପ୍ରଭାବିତ



କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଶୁଆକାଟୀ ସେକ୍ସନ ତରମାକାନ୍ତ ବିଟ୍‌ର ଶାଗପଡା ଜଙ୍ଗଲରେ ବେଆଇନ ଭାବେ ଗଛକଟା ଚାଲିଛି। ବିଭିନ୍ନ କିସମର ଗଛକୁ କଟାଯାଇ ଟ୍ରାକ୍ଟରରେ ବାହାରକୁ ବେଧଡ଼କ ଚାଲାଣ ହେଉଛି। ଅନୁମତିଠାରୁ ଅଧିକ ଗଛ କଟାଯାଉଥିଲେ ବି ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ବନ୍ୟପ୍ରାଣୀଙ୍କ ବାସସ୍ଥଳ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଉକ୍ତ ଜଙ୍ଗଲରେ ଏହା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବନୀକରଣ କରାଯାଇଥିଲା। ଏଠାରେ ବନ୍ୟପ୍ରାଣୀ ବସବାସ କରୁଥିଲେ ହେଁ ବନ ବିଭାଗ ପକ୍ଷରୁ ୯୦୦ ଗଛ କାଟିବାକୁ ଶାଗପଡ଼ା ବନ ସୁରକ୍ଷା ସମିତିକୁ ଅନୁମତି ଦିଆଯାଇଛି। ଗଛ କାଟିବା ସମୟରେ ବନ ବିଭାଗ କର୍ମଚାରୀ ଉପସ୍ଥିତ ରହୁ ନ ଥିବାରୁ ଧାର୍ଯ୍ୟଠାରୁ ଅଧିକ ଶାଳ ଓ ଅନ୍ୟାନ୍ୟ କିସମର ଗଛ କଟାଯାଉଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କାଠ ବ୍ୟବସାୟୀମାନେ ମେସିନରେ ଗଛ କାଟି ଟ୍ରାକ୍ଟରରେ ଦିନ ରାତି ଚାଲାଣ କରୁଛନ୍ତି। କେତେକ ସ୍ଥାନୀୟ ଲୋକଙ୍କ ସରଳତାର ସୁଯୋଗ ନେଇ କାଠ ବ୍ୟବସାୟୀ ଏଭଳି ବେଧଡ଼କ ଗଛ କାଟୁଥିବା ଅଭିଯୋଗ ହେଉଛି। ଏହି ଜଙ୍ଗଲରେ ହାତୀ, ଭାଲୁ, ହରିଣ, ବାର୍‌ହା, ଝିଙ୍କ, ବଣ କୁକୁଡ଼ା ଆଦି ବନ୍ୟପ୍ରାଣୀ ଚଳପ୍ରଚଳ ରହୁଥିବାରୁ ଏହାର ସୁରକ୍ଷା କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି। ୟୁକାଲିପଟାସ ଗଛଗୁଡିକ ଅବସ୍ଥା ଭଲ ଥିବା ବେଳେ ଜଙ୍ଗଲର ପରିବେଶକୁ ସୁଦୃଢ କରି ରଖିଛି। ଏଭଳି କ୍ଷେତ୍ରରେ ବନ ବିଭାଗ କିପରି ଗଛ କାଟିବାକୁ ଅନୁମତି ଦେଲା ତାହା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଗତ ପ୍ରାୟ ୧ ବର୍ଷ ଧରି ବନ ବିଭାଗ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ୟୁକାଲିପଟାସ ଏବଂ ଆକାଶିଆ ଗଛ କାଟିବାକୁ ଅନୁମତି ଦେଉଛି। ବନ ସୁରକ୍ଷା ସମିତି ଗଛ କାଟିବାକୁ ଅନୁମତି ପାଇବା ପରେ କାଠ ବ୍ୟବସାୟୀ ଜଙ୍ଗଲରେ ବେଆଇନ ପ୍ରବେଶ କରି ଅନୁମତିଠାରୁ ଢେର ଅଧିକ ଗଛ କାଟି ନେଉଛନ୍ତି। ଏହାପଛରେ ବନ ବିଭାଗର କେତେକ ଅସାଧୁ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ଥିବାରୁ ତଳିଆ କର୍ମଚାରୀ ଏଭଳି ବେଆଇନ କାମକୁ ନେଇ ଚୁପ୍ ରହୁଛନ୍ତି। ବେଆଇନ ଗଛ କଟା ଚାଲିଥିବା ବେଳେ କିଛି ମାସ ତଳେ ବନ ବିଭାଗ ଚଢ଼ାଉ କରି ଘଟଗାଁ ରେଞ୍ଜ ସାନ୍ତରାପୁର ଅଞ୍ଚଳରୁ ବିପୁଳ କାଠ ଜବତ କରିଥିଲା। ଏହା ସତ୍ତ୍ୱେ ବେଆଇନ ଗଛକଟା ଚାଲିଥିବାରୁ ପରିବେଶବିତମାନେ ଚିନ୍ତାପ୍ରକଟ କରୁଛନ୍ତି। ଡିଏଫଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ସେ ଘଟଣାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



ଢେଙ୍କିକୋଟ,୨୮।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଶିକ୍ଷା ଜିଲା ଢେଙ୍କିକୋଟ କ୍ଲଷ୍ଟରରେ ମଙ୍ଗଳବାର ପୂର୍ବାହ୍ନ ୧୦ ଟାରେ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛଇ। କପାସପଡ଼ାସ୍ଥିତ ମା' ତାରିଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆୟୋଜିତ ମେଳାକୁ ମୁଖ୍ୟ ଅତିଥିଭାବେ ଢେଙ୍କିକୋଟ ସରପଞ୍ଚ ଖଇର ନାଏକ, ମୁଖ୍ୟ ବକ୍ତାଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ପ୍ରତିନିଧି ଅଖିଳ ପାତ୍ର, ସମ୍ମାନୀୟ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ରାମଚନ୍ଦ୍ର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ବିଦ୍ୟାଧର ମହାନ୍ତ ସଭାପତିତ୍ୱ କରିଥିଲେ। କ୍ଲଷ୍ଟର ଅଧିକାରୀ ସିଆରସିସି ସଚ୍ଚିଦାନନ୍ଦ ପ୍ରଧାନ ନିପୁଣ ଓଡିଶା ମେଳାର ଉଦ୍ଦେଶ୍ୟ ଓ ତାର ଉପକାରିତା ବୁଝାଇଥିଲେ। ବରିଷ୍ଠ ଶିକ୍ଷକ ସଦାଶିବ ବେହେରା ସଭା ପରିଚାଳନା କରିଥିଲେ। ଢେଙ୍କିକୋଟ କ୍ଲଷ୍ଟର ଅଧୀନରେ ଥିବା ୧୩ ବିଦ୍ୟାଳୟର ଛାତ୍ରୀଛାତ୍ର ମାତୃଭାଷା ଓ ଗଣିତରେ ବିଭିନ୍ନ ପ୍ରକଳ୍ପ ଆଣି ଉପସ୍ଥିତ ଜନସାଧାରଣଙ୍କୁ ସେସବୁର ବ୍ୟବହାର ବିଷୟରେ ବୁଝାଇଥିଲେ। ଶିକ୍ଷୟିତ୍ରୀ ଭଗବତୀ କର, ସରୋଜିନୀ ନାଏକ, ଶୁଭାସିନୀ ନାଏକ, ମନୋଶିନୀ ପଟ୍ଟନାୟକ, ଅନୁପମା ସାହୁ, ଶିକ୍ଷକ ହରେକୃଷ୍ଣ ପାତ୍ର ସହଯୋଗ କରିଥିବା ବେଳେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳାରେ ଅଂଶ ଗ୍ରହଣକାରୀ କୃତୀ ଛାତ୍ରୀଛାତ୍ର, ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି।

# ୯ ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

## ୪ ମାସରେ ଭାଙ୍ଗିଲାଣି ଶହେରୁ ଊର୍ଦ୍ଧ୍ୱଘର



ପାଟଣା,୨୮।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ଗୋଠଛଡ଼ା ଦନ୍ତା ଉତ୍ପାତ କରୁଛି। ଗତ ୪ ମାସରେ ଶତାଧିକ ଘର ଭାଙ୍ଗିଥିବା ବେଳେ ସୋମବାର ରାତିରେ ପାଟଣା ରେଞ୍ଜ ମଲ୍ଲିପଶି ଓ ପାଟଣା ବିଟ୍ ଅଞ୍ଚଳରେ ୯ ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ବ୍ୟାପକ ପନିପରିବା, ଧାନ, ଚାଉଳ ଖାଇ ନଷ୍ଟ କରିଛି। ଖମୁଁଆ ଗାଁ ଝାଟିଆଲି ସାହି ଲମ୍ବୋଦର ଗିରିଳ, ମଧାପୁର ଧଉଳି ତଳ ସାହିର ଚନ୍ଦ୍ର ମୋହନ ମୁଣ୍ଡା, ରିଙ୍ଗା ମୁଣ୍ଡା, ଦଶମା ମୁଣ୍ଡା, ଜିଆଣି ସାହି କର୍ମୁ ମହାନ୍ତ, ମୂଷାଖରିର କିରାଣୀ ଦାସ, ଶରତ ଦାସ, ମାଧପୁରରର ଚଣ୍ଡିଆ ମୁଣ୍ଡା, ଦାହିବହାଳୀର ଶ୍ରୀମତୀ ନାଏକଙ୍କ ଘରକୁ ଦନ୍ତା ଭାଙ୍ଗି ଦେଇଛି। ଦୀର୍ଘ ୪ ମାସରୁ ଊର୍ଦ୍ଧ୍ୱ ହେବ ଦନ୍ତା ଉତ୍ପାତରେ ଲୋକେ ଅତିଷ୍ଠ ହୋଇଗଲେଣି। ଏ ନେଇ ବନ ବିଭାଗ ଠୋସ ପଦକ୍ଷପ ଗ୍ରହଣ କରୁ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦନ୍ତାଟି ପାଟଣା ରେଞ୍ଜ ପାଟଣା ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମାଧପୁର୍‌ରେ ଡେରା ପକାଇଛି। ମୋଠ ୯ ଘର ଭାଙ୍ଗିଥିବା ବନପାଳ ପିଅନ ନାୟକ କହିଛନ୍ତି। ଏ ନେଇ ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ହାତୀକୁ ଜଙ୍ଗଲ ରେ ଛାଡ଼ିବାକୁ ଚେଷ୍ଟା କରାଯାଉଛି। କିନ୍ତୁ ହାତୀ ରେଞ୍ଜକୁ ଆସି ଘର ଭାଙ୍ଗି ଚାଲିଯାଉଛି। ଲୋକେ ହାତୀ ଭୟରେ ଘରଛାଡି ଚାଲି ଯାଉଛନ୍ତି। ସେମାନଙ୍କୁ ଘର ନ ଛାଡ଼ି ନିଆଁ ଜାଳି ଜଗି ରହିବାକୁ ପରାମର୍ଶ ଦେଇଛୁ।

### ଅଗ୍ନି ନିର୍ବାପକ ପ୍ରଶିକ୍ଷଣ କର୍ମଶାଳା

ଢେଙ୍କିକୋଟ,୨୮।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ପଞ୍ଚାୟତ ଟିକିରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ଘଟଗାଁ ଅଗ୍ନିଶମ କେନ୍ଦ୍ର ତରଫରୁ ଅଗ୍ନି ନିର୍ବାପକ ସଚେତନ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ଘଟଗାଁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଗ୍ନିକ ରଞ୍ଜନ ଚିନାରା, ରଞ୍ଜନ ମହାପାତ୍ର, ରମେଶ ଚନ୍ଦ୍ର ମାରାଣ୍ଡି ଓ ଦୀପକ ସାହୁ ଯୋଗଦେଇ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଭ୍ରମରବର ମଲ୍ଲିକ ସନ୍ତୁଷ୍ଟ ହୋଇଥିଲେ। ଅଗ୍ନିଶମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି, ଛାତ୍ରୀଛାତ୍ର, ଅଭିଭାବକମାନେ ଏହାକୁ ଶିଖିବା ଆବଶ୍ୟକ ରହିଛି ବୋଲି କହିଥିଲେ।

# ବନାଗ୍ନି ସଚେତନତା ଶିବିର

ଛେନାପଦୀ/ବଉଳା, ୨୮।୧
(ନିରାକାର ପରିଡ଼ା/ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁଙ୍କ ସଂଯୋଜନାରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ହାଟଡ଼ିହୀ ବ୍ଲକ୍ ଗଡ଼ଚଣ୍ଡି ଫରେଷ୍ଟ ଡ଼ାକ ବଙ୍ଗଳାଠାରେ ବନାଞ୍ଚଳସ୍ତରୀୟ ବନାଗ୍ନି ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦୁଝର ବନଖଣ୍ଡର ସହକାରୀ ବନ ସରଂକ୍ଷକ ଅଶୋକ ଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଙ୍ଗଲକୁ ନିଆଁ ଦାଉରୁ କିଭଳି ପ୍ରତିରୋଧ ଓ ପ୍ରତିକାର କରାଯାଇପାରିବ ସେନେଇ ବିଭିନ୍ନ ଉପାୟ ବାବଦରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଏମ୍‌ପିଙ୍କ ପ୍ରତିନିଧି ଟୁକୁନା ମହାନ୍ତ, ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଜିଲା ପରିଷଦ ବିଦ୍ୟାଧର ବିଶ୍ୱାଳ, ଅଗ୍ନିଶମ ଅଧିକାରୀ ହାଡିବନ୍ଧୁ ସିଂ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବନପାଳ ମଳୟ ସାହୁ, ଡମ୍ବରୁଧର ମହାନ୍ତ, ବନରକ୍ଷୀ ଅମରେନ୍ଦ୍ର ନାଥ, କମଳିନୀ ଜେନା, ଜୋସ୍ନାରାଣୀ ନାୟକ, ମନ୍ମଥ ସାହୁ, ଦିନେଶ ମାଝୀ, ଓଏଫ୍‌ଏସ୍‌ଡ଼ିଏସ ଟିମ୍ ଲିଡ଼ର ବିଜୟ ସା, ଡିଓ ବିବେକାନନ୍ଦ ପଣ୍ଡା ପ୍ରମୁଖ ସାମିଲ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଭିଏସ୍‌ଏସ୍ ସଦସ୍ୟମାନେ ଯୋଗଦେଇଥିଲେ। ଗ୍ରୀଷ୍ମଦିନରେ ଜଙ୍ଗଲକୁ ନିଆଁ ଦାଉରୁ ରୋକାଯିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ।

### ମନ୍ଦିର ହୁଣ୍ଡି ଚୋରି ଘଟଣାରେ ଦୋଷୀଙ୍କୁ ୩ ବର୍ଷ ଜେଲ

କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ଏସ୍‌ଡିଜେଏମ କୋର୍ଟ ମଙ୍ଗଳବାର ଦିନ ଏକ ଚୋରି ମାମଲାର ରାୟ ଶୁଣାଇଛନ୍ତି। ବିଚାରପତି ସୁମିତ୍ରା କୁମାରୀ ଦାଶ ଟାଉନ ଥାନା ଅନ୍ତର୍ଗତ ମାଗୁରଗାଡିଆର ଅଭିଯୁକ୍ତ ରତ୍ନାକର ମୁର୍ମୁକୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, କେନ୍ଦୁଝର ମାଇନିଂ ରୋଡ୍‌ରେ ଥିବା ରାମମନ୍ଦିର ଶିବମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଚୋରି କରିଥିଲେ। ଏ ନେଇ ୨୭ ଜୁଲାଇ ୨୦୨୪ରେ ବ୍ରାହ୍ମଣ ସେକ୍ରେଟାରୀଙ୍କୁ ଜଣାଇବା ସହ ସେହିଦିନ ସକାଳ ୯ଟା ୪୩ ମିନିଟ୍‌ରେ ଦେଖି ଲିଖିତ ଅଭିଯୋଗ କରିଥିଲେ। ଟାଉନ ଥାନାରେ ଏକ ମାମଲା(ନଂ. ୩୧୯/୨୪) ରୁଜୁ ହୋଇ ମନ୍ଦିରର ସିସିଟିଭି ଫୁଟେଜକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସାକ୍ଷୀଙ୍କ ବୟାନ ଏବଂ ସିସିଟିଭି ଫୁଟେଜ ଓ ପୋଲିସ ତଦନ୍ତକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ସତ୍ୟବ୍ରତ ମହାନ୍ତି ଓ ହିମାଂଶୁ ଶେଖର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ସାଧାରଣତନ୍ତ୍ର ଦିବସ

**କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ):** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍ସା ଓ କାସିଆ ମାଇନ୍ସରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପେଲେଟ ପ୍ଲାଣ୍ଟରେ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ୍‌ଡି, କାସିଆ ଆଇରନ ଆଣ୍ଡ ଡୋଲୋମାଇଟ ମାଇନ୍ସରେ ୟୁନିଟ୍ ହେଡ ପ୍ରମୋଦ କୁମାର ପାତ୍ର ଓ ଟେନ୍ସା ଟିଆରବି ମାଇନସରେ ଭାରପ୍ରାପ୍ତ ୟୁନିଟ ହେଡ୍ ଅଭିମନ୍ୟୁ ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ସ୍ୱତନ୍ତ୍ର ବାର୍ତ୍ତାରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅଟଳ ସେତୁ, ଚେନାବ ରେଲୱେ ବ୍ରିଜ୍, ଅଟଳ ଟନେଲ, ନୂଆ ବିମାନ ବନ୍ଦର, ମେଟ୍ରୋ ଏବଂ ରେଲୱେର ବିସ୍ତାରିତ ନେଟ୍‌ୱର୍କର ନିର୍ମାଣ ଭାରତକୁ ଦ୍ରୁତ ଅଭିବୃଦ୍ଧିକାରୀ ଦେଶର ଦୌଡ଼ରେ ସାମିଲ କରିଛି ବୋଲି ଜିନ୍ଦଲ କହିଛନ୍ତି।

### କୃତୀ ଛାତ୍ରୀଛାତ୍ର, ସଫଳ ଚାଷୀ ସମ୍ବର୍ଦ୍ଧିତ

**ପାଟଣା,୨୮।୧(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ରବିବାର ୧୨ ଟାରେ ମୁଖ୍ୟାଳୟ ଷ୍ଟାଡ଼ିୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ୨୦୨୪ରେ ଓଡ଼ିଶା ସିଭିଲ ସରଭିସ (ଓସିଏସ୍)ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୪ ଯୁବତୀ, ଯୁବକ ଓ କରୋନା କାଳରେ ଉଲ୍ଲେଖନୀୟ ସେବା ପାଇଁ ୨ ଜଣ ଓ ଜଣେ ସଫଳ ଚାଷୀଙ୍କୁ ମୁଖ୍ୟ ଅତିଥି ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ତୁରୁମୁଙ୍ଗାର ଓସିଏସ୍ ପାଇଥିବା ବିକାଶ ସାହୁଙ୍କ ପାଇଁ ତାଙ୍କ ବାପା ପ୍ରଦୀପ କୁମାର ସାହୁ, ତଣ୍ଡ ଗ୍ରାମର ପ୍ରିୟଦର୍ଶୀ ନାୟକଙ୍କ ପାଇଁ ତାଙ୍କ ବାପା ଭାଗବତ ନାୟକ, କୁଠାଘର ଗ୍ରାମର ପ୍ରମୋଦ ମହାନ୍ତ, ବରୁଡ଼ିପଶିର ସୁଚିସ୍ମିତା ନାଏକ, କରୋନା କାଳରେ ଦୁସ୍ଥ ଲୋକଙ୍କୁ ସେବା ଯୋଗାଇ ଦେଇଥିବାରୁ ଉଲ୍ଲେଖନୀୟ ସେବା ପାଇଁ ପାଟଣାର ଖବରଦାତା ତଥା ସାମାଜିକ କର୍ମୀ ବିଜୟରତ୍ନ ପତି, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସବୀର ଦାଶ ଓ ବ୍ଲକ୍‌ର ସଫଳ ମାଣ୍ଡିଆ ଚାଷୀ ସଞ୍ଜୁଲତା ମହାନ୍ତଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

# ୧୦ରୁ କୁଶରଞ୍ଜନ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

ଆନନ୍ଦପୁର,୨୮।୧(ସୁଶାନ୍ତ କୁମାର ସାହୁ)




କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଆନନ୍ଦପୁର ଷ୍ଟାଡ଼ିୟମରେ ଫେବୃଆରି ୧୦ରୁ ରାଜ୍ୟସ୍ତରୀୟ କୁଶରଞ୍ଜନ ପଟ୍ଟନାୟକ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ । ଏ ନେଇ ଆନନ୍ଦପୁର କ୍ରୀଡ଼ା ସଂସଦ କାର୍ଯ୍ୟାଳୟଠାରେ ସୋମବାର ୧୧ ଟା ୨୦ରେ କ୍ରୀଡ଼ା ସଂସଦ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ମିଳିଛି। ଚଳିତ ବର୍ଷ ପୂର୍ବତନ ଫୁଟବଲ ଖେଳାଳି ତଥା ସାମାଜିକ କର୍ମୀ କୁଶରଞ୍ଜନ ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ୮ ଗୋଟି ଦଳ ଭାଗ ନେଉଥିବା ବେଳେ ଫେବୃଆରି ୧୦ ସୋମବାର ଅପରାହ୍ନ ୩ ରେ ଜଗା ୟୁନାଇଟେଡ୍ ଭୁବେନେଶ୍ୱର ସହ ପପୁଲାର ଫୁଟବଲ କ୍ଲବ୍ ଢେଙ୍କାନାଳ ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯିବ। ସମ୍ମିଳନୀରେ କ୍ରୀଡା ସଂସଦର ସାଧାରଣ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ, ସହ ସମ୍ପାଦକ ଗଗନ ସିଂ, ରମେଶ ସିଂ, ଅକ୍ଷୟ ମହାନ୍ତି, କୋଷାଧ୍ୟକ୍ଷ ଅଶୋକ ରାଉଳଙ୍କ ସହ କ୍ରୀଡ଼ା ସାଂସଦର ସଦସ୍ୟା ମୁରଲୀଧର ମିଶ୍ର, ନରେନ୍ଦ୍ର ପ୍ରସାଦ ସାହୁ ଅଖିଳ ପଟ୍ଟନାୟକ, ବୁଲୁ ପଟ୍ଟନାୟକ, ମନ ସିଂ, ଅଜୟ ସେଠୀ, ମିଲୁ ମିଶ୍ର, ଦୁଲାଲ ଦାସ, ଜ୍ୟୋତିରଞ୍ଜନ ଜେନା, ସୁଦର୍ଶନ ରଣା, ହାଡ଼ିବନ୍ଧୁ ଖୁଣ୍ଟିଆ, ବିରଜା ପଟନାୟକ ଉପସ୍ଥିତ ରହିଥିବା ବେଳେ ଚାମ୍ପିୟନ ଦଳକୁ ୩୦ ହଜାର ଓ ରନର୍ସ ଅଫ ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଅବଗତ କରାଇଥିଲେ।

### 'ଦେଶ, ରାଜ୍ୟର ବିକାଶରେ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ'

ରାଇରଙ୍ଗପୁର,୨୮।୧(ମାନସ ମହାନ୍ତି): ମୟୂରଭଞ୍ଜ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର କଚେରି ପଡ଼ିଆ ପରିସରରେ ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଇରଙ୍ଗପୁର ଉପ ଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଅଭିଭାଷଣରେ ସର୍ବବୃହତ ସମ୍ବିଧାନ ପ୍ରଣୟନ ହେବାଦିନଠାରୁ ଦେଶବାସୀଙ୍କ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇଥିବାର ଦେଖାଯାଇଛି। ଏଥିସହ ଦେଶର ବିକାଶ ସକାଶ ସମସ୍ତ ଜନସାଧାରଣଙ୍କ ଏକାନ୍ତ ସହଯୋଗ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୋଲିସ ପ୍ରଶାସନ ପକ୍ଷରୁ ସର୍କଲ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ଟାଉନ ଥାନା ଅଧିକାରୀ ସୁଚନ୍ଦ୍ର ମହାଲିକଙ୍କ ସମେତ ବିଭିନ୍ନ ପଦାଧିକାରୀ ପୋଲିସ ଅଫିସର ଏବଂ କର୍ମଚାରୀ ଆଇନ ଶୃଙ୍ଖଳତା ଏବଂ ସୁରକ୍ଷା ସକାଶେ ସହଯୋଗ କରିଥିଲେ।

### ବାରିପଦା ରୋଟାରୀକୁ ଫ୍ରାନ୍ସରୁ ପ୍ରଶଂସା

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦା ରୋଟାରୀ କ୍ଲବ୍‌ର ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଫ୍ରାନ୍ସ ଦେଶର ମୋନାକୋ ସହରରୁ ରୋଟାରୀ କ୍ଲବ୍‌କୁ ପ୍ରଶଂସା ମିଳିଛି। ମଙ୍ଗଳବାର ଫ୍ରାନ୍ସରୁ ଆସିଥିବା ୪ଜଣ ରୋଟାରିଆନ ବାରିପଦା ରୋଟାରୀ ଆନୁକୂଲ୍ୟରେ ବିଭିନ୍ନ ପ୍ରକଳ୍ପକୁ ଅନୁଧ୍ୟାନ କରିବା ସହିତ ନୂତନ ଜନହିତକର ଯୋଜନା ନିମେନ୍ତ ସହଯୋଗର ହାତ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ବାରିପଦା ସହରର ରଘୁନାଥପୁରସ୍ଥିତ କୁଷ୍ଠାଶ୍ରମ, ବେତନା ପଞ୍ଚାୟତରେ ଚାଲିଥିବା ଜୀବନଜୀବିକା ମିଶନକୁ ନୀରିକ୍ଷଣ କରିଛନ୍ତି। ଏଥିରେ ସନ୍ତୋଷ ପ୍ରକାଶ କରି ଆଗାମୀ ଦିନରେ ଅଧିକ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ବିଶେଷକରି ପରିବେଶ ସନ୍ତୁଳନ ସମ୍ପର୍କିତ ପ୍ରକଳ୍ପ ମଧ୍ୟରେ ଚାରାରୋପଣ ଓ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଅଧିକ କାର୍ଯ୍ୟ କରିବେ ବୋଲି ମତପ୍ରକାଶ କରିଛନ୍ତି।

# ବାଲ୍ୟବିବାହ ନିବାରଣ ସଚେତନତା

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାରିପଦାସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ ଡ. ସାଗରିକା ସିଂହଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍‌ର କାଉନ୍‌ସିଲର ତପସ୍ୱିନୀ ନାୟକ ପ୍ରାରମ୍ଭିକ ସମ୍ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ତଥା ଜିଲା ବାଲ୍ୟବିବାହ ନିବାରଣର ସଂଯୋଜକ ପ୍ରକାଶ କୁମାର ବାରିକ ଛାତ୍ରୀଙ୍କ ଆତ୍ମବିଶ୍ୱାସ, ଆତ୍ମସମ୍ମାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲ୍ୟବିବାହ ଦ୍ୱାରା କିପରି ଝିଅମାନେ ଶିକ୍ଷାରୁ ବଞ୍ଚିତ ହୋଇ ବିଭିନ୍ନ ପ୍ରକାର ନିର୍ଯାତନା ଓ ଅତ୍ୟାଚାରର ଶିକାର ହେଉଛନ୍ତି ତଥା ସମାଜ ବିପଥଗାମୀ ହେଉଛି ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ ଜାତୀୟ ସେବା ଯୋଜନା ଅଧିକାରିଣୀ ଯମୁନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏନ୍‌ଏସ୍ ଓ ୱାଇଆର୍‌ସିର ବହୁ ସ୍ୱେଚ୍ଛାସେବୀ ତଥା ଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ।

### ୪୦ ହଜାର ଲୁଟିନେଲେ

ବାଙ୍ଗିରିପୋଷି,୨୮।୧(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷି ଅନ୍ତର୍ଗତ ବୁଡୀଖମାରୀ ପଞ୍ଚାୟତ ବଡାମତଳିଆ ଗ୍ରାମର ଶିବ ପ୍ରସାଦ ସିଂଙ୍କ ଲୁଟର ଶିକାର ହୋଇଛନ୍ତି। ସେ ସୋମବାର ବାଙ୍ଗିରିପୋଷିସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜମା ଖାତାରୁ ୪୦ ହଜାର ୫୦୦ ଟଙ୍କା ଉଠାଇଥିଲେ। ବାଇକ ଯୋଗେ ଘର ଅଭିମୁଖେ ଯାଉଥିବା ସମୟରେ ଉଦାଳି ପ୍ରାଥମିକ ବିଦ୍ୟାଳରେ ଶିକ୍ଷୟିତ୍ରୀ ଥିବା ତାଙ୍କ ସ୍ତ୍ରୀକୁ ଆଣିବା ପାଇଁ ରାସ୍ତା ନିକଟରେ ବାଇକ୍ ଛିଡ଼ା କରି ଜଣେ ପରିଚିତଙ୍କ ସହ କଥା ହେଉଥିଲେ। ସେହି ସମୟରେ ବ୍ୟାଙ୍କରୁ ପିଛା କରି ଯାଇଥିବା ୨ ଜଣ ଦୁର୍ବୃତ୍ତ ଟଙ୍କା ବ୍ୟାଗ୍‌ଟି ଝାମ୍ପି ନେଇ ଦ୍ରୁତ ଗତିରେ ବାଇକ୍‌ରେ ପଳାଇଥିଲେ। ଶିବପ୍ରସାଦ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜରୁ ଉକ୍ତ ଯୁବକଙ୍କୁ ଚିହ୍ନଟ କରିଥିଲେ। ଏ ନେଇ ବାଙ୍ଗିରିପୋଷି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

ଠାକୁରମୁଣ୍ଡା,୨୮।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ମହୁଲଡିହା ନିକଟରେ ସୋମବାର ରାତି ପ୍ରାୟ ୧୦ଟା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗଧର ଗ୍ରାମର ଅକ୍ଷୟ ଭୁଜୁବଳ(୩୯)। ସୂଚନା ଅନୁଯାୟୀ, ଗାଡ଼ି ଧକ୍କା ଦେଇ ଚାଲିଯିବା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକ ରାସ୍ତା ଉପରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ମହୁଲଡିହା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଯୁବକଙ୍କୁ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିର କୌଣସି ସନ୍ଧାନ ମିଳି ନ ଥିବାବେଳେ ସକାଳୁ ମୃତ ଯୁବକଙ୍କ ପରିଚୟ ମିଳିପାରିଥିଲା। ଅକ୍ଷୟ ମହୁଲଡ଼ିହାଠାରେ ହେଉଥିବା ସୋମବାର ସାପ୍ତାହିକ ହାଟକୁ ଯାଇଥିଲେ। ଘରକୁ ଫେରୁଥିବା ସମୟରେ କୋଣସି ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ମହୁଲଡିହା ଥାନା ପୋଲିସ ଏନେଇ ଏକ ମାମଲା (ନଂ.୫/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

# ଅବହେଳାରୁ ବଢ଼ୁଛି ହାତୀମୃତ୍ୟୁ

ବାରିପଦା,୨୮।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଭବାନୀ


ଶୋଭା


ମହିନ୍ଦ୍ରା

ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷାରେ ନିୟୋଜିତ ପୋଷା ହାତୀଙ୍କ ମୃତ୍ୟୁକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ୧୫ ଦିନ ମଧ୍ୟରେ ପୋଷାହାତୀ 'ମହିନ୍ଦ୍ରା' ଓ ପରେ 'ଭବାନୀ'ର ମୃତ୍ୟୁ ଘଟିଛି। ମାସକ ମଧ୍ୟରେ ଏହି ଅଭୟାରଣ୍ୟରେ ମୋଟ ୩ ହାତୀଙ୍କ ମୃତ୍ୟୁ ଘଟିଲାଣି। ଏନେଇ ବନ ବିଭାଗର ଅବହେଳା ଓ ଅଣଦେଖାକୁ ଦାୟୀ କରାଯାଇଛି। ଗୋଟିଏ ପରେ ଗୋଟିଏ ହାତୀର ମୃତ୍ୟୁ ଘଟି ଚାଲିଥିବାରୁ ଶିମିଳିପାଳରେ ହାତୀଙ୍କ ପ୍ରତି ବିପଦ ମାଡ଼ିଆସୁଛି ବୋଲି ପୋଷାହାତୀ ମହିନ୍ଦ୍ରାର ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ପ୍ରାଣୀପ୍ରେମୀ ମତ ପ୍ରକାଶ କରିଛନ୍ତି।

୨୭୫୦ ବର୍ଗ କି.ମି. ପରିବ୍ୟାପ୍ତ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଯୋଗାଇବାରେ କର୍ମଚାରୀଙ୍କ ସହ ପୋଷାହାତୀଙ୍କୁ ନିୟୋଜିତ କରାଯାଇଥିଲା। କର୍ନାଟକରୁ ଏକାସଙ୍ଗେ ଦନ୍ତାହାତୀ ମହିନ୍ଦ୍ରା, ମାଈହାତୀ ଶୋଭା ଓ ଭବାନୀକୁ ଅଣାଯାଇଥିଲା। ଶିକାରୀଙ୍କ ଅନୁପ୍ରବେଶ ଓ କାଠ ଚୋରଙ୍କୁ ଘଉଡ଼ାଇବା ଲାଗି ଏହି ୩ ହାତୀ କର୍ମଚାରୀଙ୍କ ସହ ମିଶି କାର୍ଯ୍ୟ କରୁଥିଲେ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘଙ୍କ ସୁରକ୍ଷା ଦିଗରେ ଏମାନଙ୍କ ସହାୟତା ନିଆଯାଉଥିଲା। ହାତୀ ପିଠିରେ ବସି କର୍ମଚାରୀମାନେ କୋର୍ ଅଞ୍ଚଳର ଅପହଞ୍ଚ ଇଲାକାକୁ ଯାଇ ମହାବଳ ବାଘ ଗତିବିଧି ନିରୀକ୍ଷଣ କରୁଥିଲେ। ଏପରିକି ବନ ବିଭାଗର କର୍ମଚାରୀମାନେ କଷ୍ଟସାଧ କାର୍ଯ୍ୟକୁ କରିପାରୁ ନ ଥିବାବେଳେ ୩ ହାତୀଙ୍କ ସହାୟତାରେ ଉକ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇପାରୁଥିଲା। ପୋଷା ହାତୀମାନଙ୍କୁ ଗୋଟିଏ ସ୍ଥାନରେ ଦଳବଦ୍ଧ ଭାବେ ରଖାଯାଉଥିଲା। ସେମାନଙ୍କ ମଧ୍ୟରୁ ପ୍ରଥମେ ଶୋଭାର ମୃତ୍ୟୁ ଘଟିଥିଲା। ଶୋଭାକୁ ନ ପାଇ ମହିନ୍ଦ୍ରା ଓ ଭବାନୀଙ୍କ ସ୍ୱଭାବ ପରିବର୍ତ୍ତନ ହୋଇଥିଲା। କିଛିଦିନ ବ୍ୟବଧାନରେ ମହିନ୍ଦ୍ରା

## ୧୫ ଦିନରେ ୨ ପୋଷା ହାତୀଙ୍କ ଜୀବନଗଲା

ଅସୁସ୍ଥ ହୋଇପଡ଼ିବାରୁ ପ୍ରାଣୀ ଚିକିତ୍ସକମାନେ ତା'ର ଚିକିତ୍ସା ଜାରି ରଖିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଚଳିତ ମାସ ୧୨ ତାରିଖ ରାତି ୧୦ଟାରେ ମହିନ୍ଦ୍ରାର ମୃତ୍ୟୁ ଘଟିଥିଲା। ମହିନ୍ଦ୍ରାର ମୃତ୍ୟୁ ପରେ ଭବାନୀ ମଧ୍ୟ ଖାଦ୍ୟପାନୀୟ ଛାଡ଼ିଦେଇଥିଲା। ମଙ୍ଗଳବାର ସକାଳେ ସେ ଆଖି ବୁଜିଛି। ଶିମିଳିପାଳରେ ଆଉ ମାତ୍ର ୩ ତାଲିମପ୍ରାପ୍ତ ହାତୀ ରାଜକୁମାର, ବବୁଲ୍ ଓ ଶିବାନୀ ରହିଛନ୍ତି। ମହିନ୍ଦ୍ରା ଓ ରାଜକୁମାରକୁ ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟକୁ ବାଘ ସୁରକ୍ଷା ପାଇଁ ଶିମିଳିପାଳରୁ ସ୍ଥାନାନ୍ତର କରାଯାଇଥିଲା। ୪ ବର୍ଷ ପରେ ପୁନର୍ବାର ସେମାନଙ୍କୁ ଫେରାଇ ଆଣି ଶିମିଳିପାଳରେ ରଖାଯାଇଥିଲା। ପୋଷା ହାତୀମାନଙ୍କୁ ବାରମ୍ବାର ସ୍ଥାନାନ୍ତର କରିବା ଏବଂ ଆବଶ୍ୟକ ଚିକିତ୍ସା ଅଭାବରୁ ସେମାନଙ୍କ ମୃତ୍ୟୁ ଘଟୁଛି ବୋଲି ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ସେହିପରି ଶିମିଳିପାଳରେ କିଛିଦିନ ହେଲା ହାତୀମୃତ୍ୟୁ ଲାଗିଥିବାରୁ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୫ ତାରିଖରେ କରଞ୍ଜିଆ ରେଞ୍ଜ୍ କାର୍ଯ୍ୟାଳୟର ୪ କି.ମି. ଦୂର ପକାମୁଣ୍ଡା ଗ୍ରାମ ମୋରମ ଖାଲରୁ ଏକ ହାତୀ ଶାବକକୁ ବନ ବିଭାଗ ଉଦ୍ଧାରକରି ଚିକିତ୍ସା ନିମନ୍ତେ ନନ୍ଦନକାନନକୁ ପଠାଇଥିଲେ ମଧ୍ୟ ସେଠାରେ ତା'ର ମୃତ୍ୟୁ ଘଟିଛି। ମାସକ ମଧ୍ୟରେ ୩ ହାତୀଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁଃଖଦ ଘଟଣା ସାଜିଥିବା ବେଳେ ହାତୀଙ୍କ ସୁରକ୍ଷା ଦିଗରେ ବିଭାଗୀୟ ପଦକ୍ଷେପ ଅତ୍ୟନ୍ତ ନ୍ୟୂନ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି। ଶିମିଳିପାଳ ଅଭୟାରଣ୍ୟଟି ହସ୍ତୀ ସଂରକ୍ଷଣ ପ୍ରକଳ୍ପ ଭାବେ ମାନ୍ୟତା ପାଇଆସିଛି। ମାତ୍ର ହାତୀମାନଙ୍କ ପାଇଁ ସେଭଳି ବ୍ୟବସ୍ଥା କରାଯାଇ ନ ଥିବାରୁ ଜଙ୍ଗଲ ଛାଡ଼ି ଗାଁ ଓ ସହରମୁହାଁ ହେବାରେ ଲାଗିଛନ୍ତି।

ହାତୀ ଗଣନା ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ବାରିପଦା ସର୍କଲରେ ମୋଟ ୩୮୪ଟି ହାତୀ ଥିବାବେଳେ ଶିମିଳିପାଳ ଅଭୟାରଣ୍ୟର ୫ ବନଖଣ୍ଡରେ ମୋଟ ୨୯୫ଟି ହାତୀ ରହିଛନ୍ତି। ତେବେ ପୂର୍ବ ରିପୋର୍ଟ ତୁଳନାରେ ବାରିପଦା ସର୍କଲରେ ଥିବା ୭ଟି ବନଖଣ୍ଡରେ ୪୯ଟି ହାତୀ କମିଥିବା ଜଣାପଡ଼ିଛି। ହାତୀ ସଂଖ୍ୟା କମୁଥିବାର ଅନେକ କାରଣକୁ ନେଇ ବନ ବିଭାଗ ତତ୍ପରତା ପ୍ରକାଶ କରୁନାହିଁ। ଏପରିକି ବିଦ୍ୟୁତ୍ ସଂସ୍ପର୍ଶରେ ହାତୀ ମୃତ୍ୟୁ ସଂଖ୍ୟା ସର୍ବାଧିକ ବୃଦ୍ଧି ପାଉଥିବା ବେଳେ ରେଳୱେ ଓ ବନ ବିଭାଗର ଅବହେଳା ପାଇଁ ଅଦ୍ୟାବଧି କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ପରିବେଶବିତ୍ ସଂଯୁକ୍ତା ବସା କହିଛନ୍ତି। ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ ।

# ଉତ୍ତର ଓଡ଼ିଶାରେ ଯୁକ୍ତ ୨ ପରୀକ୍ଷା ଦେବେ ୭୩,୨୪୧ ପରୀକ୍ଷାର୍ଥୀ

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଯୁକ୍ତ ୨ ପରୀକ୍ଷା ଆସନ୍ତା ଫେବୃଆରୀ ୧୮ରୁ ଆରମ୍ଭ ହେବାକୁ ଯାଉଛି। ବାରିପଦାସ୍ଥିତ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଶାଖା କାର୍ଯ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ୪ ଜିଲାରେ ମୋଟ ୭୩,୨୪୧ ପରୀକ୍ଷାର୍ଥୀ ଯୁକ୍ତ ୨ ପରୀକ୍ଷା ଦେବେ ବୋଲି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଚଳିତ ବର୍ଷ +୨ ବିଜ୍ଞାନ, କଳା, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷା ନିମନ୍ତେ ଚଳିତ ମାସ ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିକାଲ ପରୀକ୍ଷା ଶେଷ ହୋଇଛି। ଫେବୃଆରୀ ୧୮ରୁ ମାର୍ଚ୍ଚ ୨୭ ଯାଏ ଲିଖିତ ପରୀକ୍ଷା ହେବ। ମୁକ୍ତ, ଅବାଧ ଓ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ପାଇଁ ପରିଷଦ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଶ୍ନପତ୍ରଗୁଡ଼ିକ ୩୩ଟି ହବ୍‌ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ।

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଶାଖା କାର୍ଯ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ ଜିଲାରେ କଳାରେ ୧୫,୯୯୧, ବାଣିଜ୍ୟରେ ୧,୧୪୫, ବିଜ୍ଞାନରେ ୬୭୧୩ ଓ ଧନ୍ଦାମୂଳକରେ ୫୯୫ଜଣ ପରୀକ୍ଷା ଦେବେ। ସେହିପରି କେନ୍ଦୁଝର ଜିଲାରେ କଳାରେ ୯୫୪୫, ବାଣିଜ୍ୟରେ ୮୯୨, ବିଜ୍ଞାନରେ ୩୫୭୭ ଓ ଧନ୍ଦାମୂଳକରେ ୨୯୬ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଭଦ୍ରକ ଜିଲାରେ କଳାରେ ୭୮୫୨, ବାଣିଜ୍ୟରେ ୧୨୪୧, ବିଜ୍ଞାନରେ ୨୭୬୫ ଓ ଧନ୍ଦାମୂଳକରେ ୩୧୨ଜଣ ପରୀକ୍ଷା ଦେବେ। ବାଲେଶ୍ୱର ଜିଲାରେ କଳାରେ ୧୨,୭୬୬, ବାଣିଜ୍ୟରେ ୧୦୨୪, ବିଜ୍ଞାନରେ ୮୨୫୫ ଓ ଧନ୍ଦାମୂଳକରେ ୨୭୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ପରୀକ୍ଷା ଦେବାକୁ ଥିବା ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ନିମନ୍ତେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। ଏଥିରେ କୌଣସି ତ୍ରୁଟି ଥିଲେ ପରିଷଦକୁ ଅବଗତ କରିବାକୁ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଜୋନ୍ ଉପସଚିବ ଜୟଦେବ ପରମାଣିକ ସୂଚନା ଦେଇଛନ୍ତି। ପ୍ରତି ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ମୋବାଇଲ ବାରଣ କରାଯାଇଛି। ସୁପରିଣ୍ଟେଣ୍ଡେଣ୍ଟ କିମ୍ବା କୌଣସି କର୍ମଚାରୀ ମୋବାଇଲ ବ୍ୟବହାର ଉପରେ କଟକଣା କରାଯାଇଛି। କପି ରୋକିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି।


भारतीय रिज़र्व बैंक RESERVE BANK OF INDIA

**ଭାରତୀୟ ରିଜର୍ଭ ବ୍ୟାଙ୍କ**

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୩, ୨୦୨୫** ଅପରାହ୍ନ **୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**



DSPL-364

ODISHA NEW OPPORTUNITIES

UTKARSH ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025


Shri Narendra Modi
Prime Minister


Shri Mohan Charan Majhi
Chief Minister, Odisha

SECTORAL SESSION

Theme: Renewable Energy for Viksit Odisha

29th January 2025 (10:00 - 11:30 Hrs)
Hall-1, Janata Maidan, Bhubaneswar - 13

NB: Entry through registration only

OIPR-04001/13/0010/2425

Scan to Register

INVEST IN ODISHA, INVEST IN FUTURE

Or visit us at https://mio.investodisha.gov.in/

Investment Intention Form
Schedule a Meeting
Follow us on @InvestInOdisha /InvestOdisha

